ଶନିବାର, ୨୧ ଜୁନ୍, ୨୦୨୫

# ପିଲାଙ୍କ ଧରିତ୍ରୀ



## ଖେଳି ଖେଳି ହସ

ଥରେ ଗୋପାଳକୁ ସୋମୁ ପଚାରିଲା, 'ସୋମୁ ତୁ କୌଣସି ବିଦେଶୀ ଭାଷା ଜାଣିଛୁ ?' ସୋମୁ ମୁଣ୍ଡ ଝୁଙ୍ଗାରି ହଁ ମାରି କହିଲା, ମୋତେ ଚାଇନା ଭାଷା ଜଣା।' ଏକଥା ଶୁଣି ଗୋପାଳ କହିଲା, 'ତୁ ଚାଇନା ଭାଷାରେ କହିଲୁ ଆଜି ପାଗ ଭଲ ଅଛି। ସୋମୁ କହିଲା, ମୋତେ କେହି ଏହାର ଚାଇନା ଭାଷାକୁ ଇଂରାଜୀ କିମ୍ବା ହିନ୍ଦୀରେ ଲେଖିଦେଲେ ମୁଁ ଆରାମରେ କହିଦେବି।

ଥରେ ସ୍କୁଲରୁ ଫେରିବା ପରେ ଅମିତ ଭାରି ଖୁସି ଥିଲା। ଏହା ଦେଖି ତା' ମାମା ତାକୁ ପଚାରିଲେ, ଆରେ ତୁ କାହିଁକି ଆଜି ଭାରି ଖୁସି ଅଛୁ ? କାରଣ କ'ଣ ? ଅମିତ ଉତ୍ତର ଦେଲା, ମାମା, ତୁମେ ମୋ ଖୁସି କଥା ଜାଣିଲେ ଆହୁରି ଖୁସି ହେବ। ମୁଁ ଏଥର ପରୀକ୍ଷାରେ ରେକର୍ଡ କରିଛି। ତା' ମାମା ପଚାରିଲେ କେମିତି ? ଅମିତ କହିଲା, ଏଥର ମୁଁ ଅମନ୍ ଠାରୁ ୨୦ ମାର୍କ କମ୍ ରଖିଛି। ଆଚ୍ଛା, ତା'ହେଲେ ଅମନ କେତେ ମାର୍କ ରଖିଛି ବୋଲି ତା' ମାମା ପଚାରିବାରୁ ଅମିତ କହିଲା, ସେ ତ ୨୦ ରଖିଛି। ଆଉ ମୋର କେତେ ଅଛି ଜାଣିପାରୁଥିବ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଖେଚୁଡ଼ି ଖାଇଲେ ଜଗନ୍ନାଥ

**ଗପ**

ବହୁଦିନ ତଳର କଥା। ମହାରାଷ୍ଟ୍ରର ପଣ୍ଡରାପୁର ଗ୍ରାମରେ ଜଣେ ମହିଳା ଥିଲେ କରମା ବାଈ। ଛୋଟବେଳୁ ସେ ପୂଜାପାଠ, ଜପତପ, ଭଜନ କୀର୍ତ୍ତନରେ ବହୁ ସମୟ ବିତାଉଥିଲେ। ଦୁଃଖୀରଙ୍କଂ, ଅତିଥି ଅଭ୍ୟାଗତ ସାଧୁସନ୍ଥ ସନ୍ନ୍ୟାସୀଙ୍କ ସେବା କରି ସେ ଆନନ୍ଦ ପାଉଥିଲେ।

ଥରେ ତାଙ୍କ ଗାଁରୁ କିଛି ଭକ୍ତ ଜଗନ୍ନାଥ ଦର୍ଶନ ପାଇଁ ପୁରୀ ବାହାରିଲେ। ଏହି ଖବର ପାଇ କରମା ମଧ୍ୟ ତାଙ୍କ ସହ ଶ୍ରୀକ୍ଷେତ୍ର ବାହାରିଲେ। ବଡଦେଉଳର ରତ୍ନସିଂହାସନରେ ମହାପ୍ରଭୁଙ୍କୁ ଦେଖି ମୋହିତ ହୋଇଗଲେ। ଆଖିରୁ ଲୁହ ଝରିପଡିଲା। ଶ୍ରୀକ୍ଷେତ୍ର ବୁଲାବୁଲି କରି ସମସ୍ତେ ଘରକୁ ଫେରିଲେ, କିନ୍ତୁ କରମା ରହିଗଲେ ନୀଳାଚଳ ଧାମରେ। ତାଙ୍କର ଭକ୍ତି ଦେଖି ତାଙ୍କ ବାପା ପୁରୀ ଧାମରେ ଛୋଟ ଭଡାଘରଟିଏ କରିଦେଲେ। ସେହିଠାରେ କାଳିଆ ଭରସାରେ ହିଁ କରମାବାଈ ସବୁଦିନ ପାଇଁ ରହିଗଲେ। ପ୍ରତିଦିନ ମନ୍ଦିରଯାଇ ଭଜନ ଜଣାଣ ବୋଲି ମହାବାହୁଙ୍କୁ ଦର୍ଶନ କରି ମହାପ୍ରସାଦ ଖାଇ ଘରକୁ ଫେରୁଥିଲେ ।

ବୟସ ବଢି ଚାଲିଲା, ଧୀରେ ଧୀରେ କରମାବାଈ ଦୁର୍ବଳ ହୋଇପଡିଲେ। ଚାଲି ଚାଲି ମନ୍ଦିର ଯାଇ କାଳିଆ ଦର୍ଶନ କରିପାରିଲେ ନାହିଁ। ଘରେ ପଡି ରହିଲେ। ଘରେ ଖେଚୁଡି ଟିକେ କରି, ଜଗନ୍ନାଥଙ୍କୁ ଫଟୋ ପାଖରେ ଭୋଗ ଲଗାଇ ପ୍ରସାଦ ଭାବି ଖାଇ ଦିଅନ୍ତି। ଠାକୁରଙ୍କ ପାଖରେ ଭୋଗ ଲଗାଇ ଆଣିବା ବେଳକୁ ସେ ଲକ୍ଷ୍ୟ କରୁଥିଲେ କି, ଖେଚୁଡିରୁ ଅଧା କିଏ ଖାଇଦେଉଛି। କବାଟ ତ ବନ୍ଦ ରହୁଛି। କିଏ ଭୋଗ ଖାଉଛି ଭାବି ଦିନେ ଭୋଗ ଲଗାଇ ସାରି କବାଟ କଣରେ ଲୁଚି ରହିଲେ। କିଛି ସମୟ ପରେ ଦେଖିଲେ ଛୋଟ ପିଲାଟିଏ ଠାକୁରଙ୍କ ଆସ୍ଥାନରୁ ଓହ୍ଲାଇ ଆସି ଖେଚୁଡି ଖାଉଛି। କରମାବାଈ ବାଳକଟିର ହାତକୁ ଧରି କହିଲେ, ତୁ କିଏ ରେ ବାପା, ଲୁଚି ଲୁଚି ଖେଚୁଡି ଖାଉଛୁ ? ପିଲାଟି ଏତେ ସୁନ୍ଦର ଯେ, ତା'ଠାରୁ ଆଖି ଫେରାଇ ହେଉ ନ ଥାଏ। ସେ ହସି ହସି କହିଲା, ମା' ତୁମ ଖେଚୁଡିର ବାସ୍ନା ମୋ ନାକରେ ବାଜିଲା ମାତ୍ରେ ମୋତେ ଭାରି ଭୋକ ହେଉଛି। ଏତେ ସୁଆଦିଆ ଖେଚୁଡି ମୁଁ କେଉଁଠି ଖାଇନାହିଁ। କରମାବାଈ ଖୁସିରେ କହିଲେ, ମୁଁ ସବୁଦିନ ତୋ ଲାଗି ଖେଚୁଡି ତିଆରି କରିଦେବି। ତୁ ଆସି ଆରାମରେ ଖାଇବୁ। ପିଲାଟି ହସି ହସି ନାଚି ନାଚି



ଚାଲିଗଲା।

ଶରୀର ଅବଶ ହୋଇ ପଡିଲାଣି। ରାତି ପାହିଲେ ଏକାଦଶୀ। ଯେମିତି ହେଲେ କାଳିଆ ଦର୍ଶନ ପାଇଁ ମନ୍ଦିର ଯିବେ। ପିଲାଟାକୁ କହିଛନ୍ତି, କାଳେ ସେ ଆସି ଫେରିଯିବ। ତେଣୁ ଖେଚୁଡି କରି ତାକୁ ଦେବା ପରେ ମନ୍ଦିର ଯିବେ। ଏହି ସମୟରେ ପିଲାଟି ଆସି ହାଜର। ଖଣ୍ଡିଏ କଦଳୀ ପତ୍ରରେ ଗରମ ଖେଚୁଡି ବାଢିଦେଲେ। ପିଲାଟି ଆନନ୍ଦରେ ଖାଇଲା। ଗରମ ଥିବାରୁ ପଙ୍ଖାରେ ବସି ବିଞ୍ଚି ଦେଲେ। ଏକଲୟରେ ପିଲାଟିର ମୁହଁକୁ ଚାହିଁ ରହିଥାନ୍ତି । ପିଲାଟି ଆନନ୍ଦରେ ଖାଇ ଚାଲିଗଲା।

ଏହି ସମୟରେ ହଠାତ୍ କିଏ କବାଟ ଠକ୍ ଠକ୍ କଲା। କରମା ଯାଇ ଦେଖିଲେ ଦୁଆର ମୁହଁରେ ବଡ଼ପଣ୍ଡା। କରମା ତାଙ୍କ ପାଦ ଧୂଳି ନେଇ ମୁଣ୍ଡରେ ମାରିଲେ। ବଡ଼ପଣ୍ଡା କହିଲେ, ତୁମେ ଆଗ କୁହ କରମା, ତୁମ ଘରକୁ କିଏ ଆସିଥିଲେ ? କରମା ଖେଚୁଡି ଖାଇବାକୁ ଆସୁଥିବା ପିଲାଟିର ରୂପ ବର୍ଣ୍ଣନା କରିଗଲେ। ସବୁଶୁଣି ଆଶ୍ଚର୍ଯ୍ୟ ହୋଇଗଲେ ବଡ଼ପଣ୍ଡା। କହିଲେ, ତୁ ଜାଣିଛୁ କରମା, ସେ ବାଳକଟି କିଏ ? ତୋ ଘର କାହିଁକି ଚନ୍ଦନ ତୁଳସୀ ବାସନା ହେଉଛି ? ସେ ହେଉଛନ୍ତି ତୋରି କାଳିଆ, ମହାପ୍ରଭୁ ଜଗନ୍ନାଥ। ଏକଥା ଶୁଣି କରମା ସ୍ଥାଣୁ ପାଲଟିଗଲେ। କାନ୍ଦି କାନ୍ଦି ବ୍ୟାକୁଳ ହୋଇ କହି ଉଠିଲେ, ପ୍ରଭୁ, ତୁମକୁ ପାଖରେ ପାଇ ଚିହ୍ନି ପାରିଲି ନାହିଁ। ସେଦିନ ସକାଳ ବାଲଧୂପରେ ବଡ଼ପଣ୍ଡା ଜଗନ୍ନାଥଙ୍କୁ ଚଳୁରେ ନ ଦେଖି ଖୋଜିବାକୁ ଲାଗିଲେ। ଦେଖିଲେ କରମାବାଈ ଘରୁ ଭାସି ଆସୁଛି ଶ୍ରୀମନ୍ଦିରର ଦିବ୍ୟ ବାସ୍ନା। ସ୍ୱୟଂ ମହାପ୍ରଭୁ ବାଳକ ରୂପରେ କରମା ବାଈ ଘରେ ଖେଚୁଡି ଖାଉଛନ୍ତି ଏକଥା ଚାରିଆଡ଼େ ବ୍ୟାପିଗଲା। ପରମ ଭକ୍ତ କରମା ବାଈ ଅସୁସ୍ଥ ହୋଇ ମୃତ୍ୟୁବରଣ କଲେ, ରାତିରେ ଗଜପତି ମହାରାଜାଙ୍କୁ ସ୍ୱପ୍ନ ହେଲା। ମୋ ମା' ହାତରନ୍ଧା ପରି ଖେଚୁଡି ଖାଇବାକୁ ସବୁଦିନ ସକାଳୁ ଧାଇଁଯାଏ। ତା' ମମତାର ଡୋରିରେ ବାନ୍ଧି ଦେଇଥିଲା ମତେ, ତେଣୁ ତା'ର ଶବ ସତ୍କାର ଓ କ୍ରିୟାକ୍ରମ କରିବାର ଦାୟିତ୍ୱ ତୁମକୁ ଦେଲି ।

ସ୍ୱପ୍ନାଦେଶ ପାଇ ରାଜା କରମାବାଈଙ୍କ ଶବଦାହର ସବୁ ସୁବିଧା କରିଦେଲେ। ଶ୍ରୀମନ୍ଦିର ରୋଷଘରୁ ପବିତ୍ର ଅଗ୍ନିରେ କରମାବାଈଙ୍କ ଜୁଇ ଜାଳିଲେ। ସେହି ଦିନୁ, ରାଜାଙ୍କ ନିର୍ଦ୍ଦେଶ ଅନୁସାରେ ମହାପ୍ରଭୁଙ୍କ ସକାଳ ଧୂପରେ କରମାବାଈ ନାମରେ ଖେଚୁଡି ଭୋଗ ଲାଗିହେଉଛି। ଆଉ ଗୋଟିଏ ବଡ଼ ଅବଢ଼ାହାଣ୍ଡି ତାଙ୍କ ନାମରେ ନାମିତ ହୋଇଛି, ଯାହାକୁ ବାଈହାଣ୍ଡି କୁହାଯାଉଛି। ଯୁଗଯୁଗ ପାଇଁ କରମାବାଈଙ୍କ ଭକ୍ତି ଜନମାନସରେ ଜୀବିତ ରହିଛି।

**-କବିତା ମିଶ୍ର**
ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ: ୯୯୩୭୦୩୩୭୫୦

# ମିଠା ଲାଗେ ଫଳ..

ବିଭିନ୍ନ ପ୍ରକାରର ଫଳ ଅଛି ଯାହା ମିଠା ଲାଗେ। ତେବେ ଫଳ ସବୁ ମିଠା ଲାଗେ କାହିଁକି! ଏମିତି ଏକ ପ୍ରଶ୍ନ ପ୍ରାୟ ସମସ୍ତଙ୍କ ମନକୁ ଆସିଥାଏ। ମାଟିରେ ସବୁ ଗଛ ଲଗାଯାଉଥିଲେ ବି ଫଳ ଭିତରକୁ ମିଠା ସ୍ୱାଦ ଆସେ କିପରି ? ସେ ଆମ୍ବ ହେଉ କି ପିଜୁଳି ଅବା ତରଭୁଜ, କମଳା ଇତ୍ୟାଦି।




ପ୍ରକୃତରେ ଏସବୁ ଫଳ ମିଠା ହେବା ପଛରେ ମୁଖ୍ୟ ଭୂମିକା ରହିଥାଏ ପତ୍ରର। ଆମେ ସମସ୍ତେ ଜାଣିଛନ୍ତି କି ଗଛର ଚେର ମାଟିରୁ ଜଳ ଓ ବିଭିନ୍ନ ପ୍ରକାରର ସାର ସଂଗ୍ରହ କରି ପତ୍ରକୁ ପଠାଇଥାଏ। ଆଉ ସେଠାରେ ସୂର୍ଯ୍ୟକିରଣ ସାହାଯ୍ୟରେ ଖାଦ୍ୟ ପ୍ରସ୍ତୁତି ହୁଏ। ଏହି ପ୍ରାକୃତିକ ପ୍ରକ୍ରିୟାକୁ ଫଟୋସିନ୍ଥେସିସ୍ ପ୍ରକ୍ରିୟା କୁହାଯାଏ। ଏହି ମାଧ୍ୟମରେ ଫଳ ଭିତରକୁ ମଧ୍ୟ ସ୍ୱାଦ ଯାଇଥାଏ। ତେବେ ପତ୍ରରେ ଖାଦ୍ୟ ପ୍ରସ୍ତୁତି ହେଉଥିବାରୁ ସୂର୍ଯ୍ୟକିରଣ ଉପରେ ଫଳର ମିଠା ହେବା ମଧ୍ୟ ନିର୍ଭର କରିଥାଏ। ଅର୍ଥାତ୍ ସୂର୍ଯ୍ୟକିରଣ ଅଧିକ ହେଲେ ପତ୍ର ମାଧ୍ୟମରେ ଅଧିକ ମିଠା ସ୍ୱାଦ ଫଳକୁ ଯାଇଥାଏ। ଏହି କାରଣରୁ ବର୍ଷାଦିନିଆ ଫଳ ସାଧାରଣତଃ କମ୍ ମିଠା ଲାଗିଥାଏ। ତେଣୁ ଫଳ ମିଠା ଲାଗିବା ପଛରେ ମାଟି, ପାଣି ଓ ସୂର୍ଯ୍ୟକିରଣର ଆବଶ୍ୟକତା ରହିଛି। ଏହି ତିନୋଟିର ସନ୍ତୁଳନ ରହିଲେ ହିଁ ଏକ ଭଲ ଫଳ ହୋଇଥାଏ। ତେବେ ଫଳର ମିଠାପଣ ଅଲଗା ହେବା ପଛରେ ପ୍ରାକୃତିକ ଅବସ୍ଥା ହିଁ ମୁଖ୍ୟ ହୋଇଥାଏ। ମାତ୍ର ଏବେ ବୈଜ୍ଞାନିକ ଉପାୟରେ ବି ବିଭିନ୍ନ କିସମର ମିଠା ଫଳର ବିହନ ସୃଷ୍ଟି କରାଯାଉଛି।

## ମତାମତ

- ଆଇନା ପୃଷ୍ଠାରେ ପ୍ରକାଶ ପାଇଥିବା ଫଟୋ ଦୁଇଟି ସୁନ୍ଦର ହୋଇଥିଲା।
  **-ବିଜୟ ସାହୁ, ସୁନ୍ଦରଗଡ଼**
- ପିଲାମାନେ କିପରି ରଜ ପାଳନ କରିଥିଲେ ସେ ସମ୍ପର୍କରେ ଜାଣିପାରିଲି।
  **-ସୁପ୍ରିୟା ମହାପାତ୍ର, ପିପିଲି ,ପୁରୀ**
- 'ଦୟାଳୁ ରାଜା ' ଗଳ୍ପଟି ପଢ଼ିବାକୁ ବହୁତ ଭଲ ଲାଗିଲା।
  **-ବ୍ରିଜେଶ ସାମଲ, ନୂଆବଜାର, କଟକ**
- କହିଲଦେଖି ସ୍ତମ୍ଭରୁ ନୂଆନୂଆ ପହେଳି ବିଷୟରେ ଜାଣିବାକୁ ମିଳୁଛି।
  **-ତୁଷାର ରଞ୍ଜନ ପଳାଇ, ବ୍ରହ୍ମପୁର**

## ରଙ୍ଗ ଦିଅ





ଛୁଟି ପରେ ଏବେ ଖୋଲିଛି ସ୍କୁଲ। ଏତେ ଦିନର ଲମ୍ବା ଛୁଟି ପରେ ପିଲାମାନେ ସ୍କୁଲ ଯିବା ଆରମ୍ଭ କରିଛନ୍ତି। ଏଥିପାଇଁ ପ୍ରସ୍ତୁତି ସରିଛି ଆଉ ପୁଣିଥରେ ସେହି ରୁଟିନ୍ ଲାଇଫ୍ ସହ ଅଭ୍ୟସ୍ତ ହେବା ଆରମ୍ଭ କରିଛନ୍ତି।

# ସ୍କୁଲ ଖୋଲିବା ପରେ

ଖରାଛୁଟି ପରେ ଏବେ ଖୋଲିଛି ସ୍କୁଲ। ଏତେ ଦିନ ପରେ ହଠାତ୍ ସ୍କୁଲକୁ ଯିବା ପାଇଁ ପିଲାମାନେ ପ୍ରସ୍ତୁତି ବି କରିଛନ୍ତି। ଛୁଟି ପୂର୍ବରୁ ନୂଆ କ୍ଲାସରେ ପାଠପଢା ଆରମ୍ଭ ହୋଇସାରିଥିଲା। ଯେଉଁମାନେ ସବୁ ବହିପତ୍ର କିଣି ନ ଥିଲେ ସେମାନେ ବି କିଣାକିଣି ସାରିଛନ୍ତି। ଏହା ସହିତ ସ୍କୁଲ ୟୁନିଫର୍ମ, ଜୋତା ଆଦି ଅନ୍ୟ ଜିନିଷ ବି ସଜାଡି ରଖିଛନ୍ତି। ପୁଣି ଥରେ ସେମାନଙ୍କର ଆରମ୍ଭ ହୋଇଛି ରୁଟିନ୍ ଲାଇଫ୍। ନିର୍ଦ୍ଦିଷ୍ଟ ସମୟରେ ଉଠିବା, ସ୍କୁଲ ଯିବା, ଟିଉଶନ ଯିବା, ସବୁପାଇଁ ଏବେ ଧରାବନ୍ଧା ସମୟ ରଖିବାକୁ ହେବ। ତେବେ ଏତେଦିନର ଲମ୍ବା ଛୁଟି ପରେ ପିଲାଙ୍କୁ ସ୍କୁଲଯିବାର ଅନୁଭବ କିଭଳି ସେନେଇ କେତେଜଣ ପିଲା ଯାହା କୁହନ୍ତି...

## ବହୁତ ଭଲ ଲାଗୁଛି



ସ୍କୁଲ ଖୋଲିବା ମାତ୍ରେ ଯିବା ପାଇଁ ମୁଁ ପ୍ରସ୍ତୁତ ହୋଇ ରହିଥିଲି। କାହିଁକିନା ଘରେ ଏତେଦିନ ରହିବା ପରେ ପୂରା ବୋର୍ ଲାଗୁଥିଲା। ଘରପାଖରେ ମୋର କେହି ସାଙ୍ଗ ନାହାନ୍ତି। ଖାଲି ଯାହା ଟିୟୁସନ୍ ଯାଉଥିଲି ଆଉ ଜେଜେଙ୍କ ସହ ଘରେ କ୍ୟାରମ୍ ଖେଳୁଥିଲି। ବାକି ସମୟ ଟିଭି ଦେଖିବା ଆଉ ହୋମୱାର୍କ କରିବାରେ କଟୁଥିଲା। ସାଙ୍ଗମାନଙ୍କ ସହ ଛୁଟିରେ ଫୋନ୍‌ରେ କଥା ହେଉଥିଲି। ଏବେ ସେମାନଙ୍କ ସହିତ ଦେଖା ହେଲା ତ ବହୁତ ଭଲ ଲାଗୁଛି। ନୂଆ କ୍ଲାସ୍‌ର ପାଠପଢା ବି ଏଥର ଜୋରସୋରରେ ହେବ। ଯାହା ବି ହେଉ ସ୍କୁଲ ଖୋଲିବାରୁ ମତେ ବହୁତ ଭଲ ଲାଗୁଛି। ତା' ଛଡା ଛୁଟିରେ ମୋର ନୂଆ ବ୍ୟାଗ, ଜୋତା ଆଉ ଡ୍ରେସ ବି କିଣା ହୋଇଛି। ତେଣୁ ସ୍କୁଲ ଯିବାକୁ ମତେ ବହୁତ ଇଚ୍ଛା ହେଉଥିଲା।

–**ଶକ୍ତିସ୍ୱରୂପା କୋଦାଳ,** କ୍ଲାସ–୩,
ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଭୁବନେଶ୍ୱର

## ଏବେ ଯିବାକୁ ଭଲ ଲାଗୁନି



ଛୁଟି ଆରମ୍ଭ ହେବା ଦିନରୁ ମାମୁଘରକୁ ଯାଇଥିଲି। ମାଉସୀ ଓ ତାଙ୍କର ଦୁଇ ଝିଅ ବି ଆସିଥିଲେ। ତେଣୁ ଆମେ ତିନିଜଣ ମିଶି ଛୁଟିରେ ଖୁବ୍ ଏନ୍‌ଜୟ କରିଛୁ। କିନ୍ତୁ ସ୍କୁଲ ଖୋଲିବାରୁ ମାମୁଘରୁ ଆସିବାକୁ ପଡିଲା, ହେଲେ ଆଦୌ ଇଚ୍ଛା ହେଉ ନ ଥିଲା। ଲାଗିଲା ଯେମିତି ଶୀଘ୍ର ଛୁଟି ସରିଗଲା। ଖାଲି ମାମୁଘର କଥା ମନେ ପଡୁଛି। ଏପର୍ଯ୍ୟନ୍ତ ପାଠପଢା ଆଡକୁ ମନ ଆସିନି। ସ୍କୁଲଟା ପାଖରେ ଥିଲେ ମାମୁଘରୁ ରହି କିଛି ଦିନ ସ୍କୁଲକୁ ଯାଇଥାନ୍ତି ବୋଲି ଭାବୁଥିଲି। କିନ୍ତୁ ମାମା ମନାକଲା। ତା'ଛଡା ପାଠ ବି ପଢିବାକୁ ତ ହେବ। ସେଥିପାଇଁ ସ୍କୁଲ ତ ଯିବାକୁ ହେବ।

–**ଶିବାଂଶ ବେହେରା,** କ୍ଲାସ–୧, ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର

## ସବୁ ସାଙ୍ଗ ଆସିନାହାନ୍ତି



ମୋର ବହୁତ ସାଙ୍ଗ ସ୍କୁଲ ଆସିନାହାନ୍ତି। ସେମାନେ ସବୁ ନିଜ ନିଜ ଗାଁକୁ ଯାଇଛନ୍ତି ଯେ ଆସି ନାହାନ୍ତି। ଆଉ ଦି' ତିନି ଦିନ ପରେ ଆସିଯିବେ। ସେମାନେ ଆସୁନାହାନ୍ତି ବୋଲି ଏବେ ସ୍କୁଲକୁ ଯିବାକୁ ମଜା ଲାଗୁନି। ସମସ୍ତେ ଆସିବା ପରେ ହିଁ ଭଲ ଲାଗିବ। ଏବେ ତ ହଠାତ୍ ପାଠପଢା ହେବନି। ସବୁବର୍ଷ ଭଳି ଛୁଟି ପୂର୍ବରୁ ଯାହା ସବୁ ପଢିଥିଲୁ ସେସବୁ ମନେ ଅଛି କି ନାହିଁ ବୋଲି ସାର୍‌ମାନେ ପାଠର ପୁନରାବୃତ୍ତି କରିବେ। ତାପରେ ହୋମୱାର୍କ ବି ଦେଖାହବ। ତେଣୁ ଧୀରେ ଧୀରେ ପାଠ ପଢା ଅଧିକ ହେବ।

– **ନର୍ମଦା ମହାନ୍ତି,** କ୍ଲାସ–୪, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, କଟକ

## ସାଙ୍ଗମାନେ ଆକର୍ଷଣ



ଛୁଟିରେ କେତେଆଡ଼େ ବୁଲାବୁଲି କରିଛି କାହା ସହିତ ମିଶିଛି କାହା ଘରକୁ ଯାଇଛି ସେନେଇ ସାଙ୍ଗମାନଙ୍କ ସହ କଥାବାର୍ତ୍ତା ହେବି ବୋଲି ସ୍କୁଲ ଖୋଲିବା ଦିନକୁ ଅପେକ୍ଷା କରିଥିଲି। ଏବେ ସେହି ଦିନ ଆସିଗଲା। ସାଙ୍ଗମାନଙ୍କ ସହିତ ଖୋଲା ଗପି ପାରିବି ବୋଲି ବହୁତ ଖୁସି ଲାଗୁଛି। କ୍ଲାସ ଆରମ୍ଭ ହେବା ପୂର୍ବରୁ, ଖାଇବା ଛୁଟିରେ ଆଉ ଫେରିବା ବେଳକୁ ଆମେ ସାଙ୍ଗମାନେ ଗପସପ କରି ଖୁବ୍ ମଜା କରୁ। ପରସ୍ପରର ଛୁଟି ବେଳର ଅନୁଭୂତି ସବୁ ଶୁଣିବାକୁ ଓ ନିଜ କଥା କହିବାକୁ ବହୁତ ଭଲ ଲାଗେ। ମୋ ପାଇଁ ସ୍କୁଲ ଆସିବାର ମୁଖ୍ୟ ଆକର୍ଷଣ ହେଉଛନ୍ତି ମୋ ସାଙ୍ଗମାନେ। ସେଥିପାଇଁ ସ୍କୁଲ ଖୋଲିବା ଦିନ ହିଁ ମୁଁ ସ୍କୁଲକୁ ଯିବି ବୋଲି ଭାବିଥିଲି।

–**ଦେବାଂଶୀ ରାଜଗୁରୁ,** କ୍ଲାସ–୭,
ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ

## ସୁବିଧା ହେବ



ଛୁଟିରେ ଘରେ ଥିଲେ ବି ପଢାପଢି କରିବାକୁ ପଡୁଥିଲା। ଏବେ ସ୍କୁଲ ଖୋଲିଗଲା ବହୁତ ଭଲ ଲାଗିଲା। ଆମର ପାଠପଢା ବି ଆରମ୍ଭ ହୋଇଗଲାଣି। ପରୀକ୍ଷା ପୂର୍ବରୁ ଶୀଘ୍ର ସବୁ କୋର୍ସ ସାରିବାକୁ ପଡିବ। ସେଥିପାଇଁ ସାର୍ ବି ଆମକୁ ସତର୍କ କରି ଦେଇଥିଲେ ଓ ଛୁଟିରେ ବି ବିଭିନ୍ନ ପାଠ ପଢିବା ପାଇଁ କହିଥିଲେ। ଏମିତିକି ଛୁଟିରେ ସାର୍ ଆମକୁ ଅନଲାଇନ୍‌ରେ ମଝିରେ ମଝିରେ ପଢାଉଥିଲେ। ତେବେ ଘରେ ରହି ପଢିବା ବଦଳରେ ସ୍କୁଲରେ ସାର୍‌ଙ୍କ ପାଖରେ ପଢିବାକୁ ଏବେ ସୁବିଧା ହେବ। ସିଧାସଳଖଭାବେ ନିଜର ସୁବିଧା ଅସୁବିଧା ସବୁ କହିପାରିବି। ତେଣୁ ସ୍କୁଲ ଖୋଲିଗଲା ବହୁତ ଭଲ ଲାଗିଲା। ଏବର୍ଷ କୋର୍ସ ସରିବା ପରେ ଶୀଘ୍ର ରିଭିଜନ୍ କରିବାକୁ ହେବ। ତେଣୁ ବିଭିନ୍ନ ପ୍ରକାରର ପାଠ ପଢିବାକୁ ପଡିବ। ସ୍କୁଲ ସାରମାନେ ଏନେଇ ସେମାନଙ୍କ ଅଭିଜ୍ଞ ମତ ଦେଉଛନ୍ତି। ତେଣୁ ସ୍କୁଲ ଖୋଲିବା ପରେ ପଢିବା ପାଇଁ ବହୁତ ସୁବିଧା ହେଉଛି।

–**ଶ୍ରୁତି ମଲ୍ଲିକ,** କ୍ଲାସ–୯,
ଏସ୍‌ବିଡି ଇଣ୍ଟରନାଶନାଲ ସ୍କୁଲ, ଯାଜପୁର ରୋଡ





୧

**ଆଦ୍ୟାଶା ସାହୁ**
କ୍ଲାସ- ୧୦, ସାଲେଇଢିପ ହାଇସ୍କୁଲ, ନାକଟିଦେଉଳ, ସମ୍ବଲପୁର



୨

**ଧୀଆରା ଶତପଥୀ**
କ୍ଲାସ- ୪, ମଦର୍ସ ପବ୍ଲିକ୍ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର



୩

**ସାଇଶ୍ରୀ ବେହେରା**
କ୍ଲାସ-୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିମାପଡା, ପୁରୀ



୪

**ଶୁଭଲକ୍ଷ୍ମୀ ପାଣି**
କ୍ଲାସ- ୪, ଲିଟିଲ ଷ୍ଟାର ଇଂଲିଶ ମିଡିୟମ ସ୍କୁଲ, ଖୋର୍ଦ୍ଧା



୫

**ଦେବହୂତି ବରଦାଲକ୍ଷ୍ମୀ ରାଉତ**
କ୍ଲାସ- ୨, ଦୀପ୍ତି କନଭେଣ୍ଟ ସ୍କୁଲ, ରାୟଗଡା



୬

**ପ୍ରିୟାଂଶୀ ନାୟକ**
କ୍ଲାସ- ୫, ବଡିଲ ନୋଡାଲ ବିଦ୍ୟାଳୟ, ରାଜସ, ଖୋର୍ଦ୍ଧା



୭

**ହେମାଲୀ ପ୍ରିୟା**
କ୍ଲାସ-୨, ଗୋପବନ୍ଧୁ ହାଇସ୍କୁଲ, ରାଜସ, ଖୋର୍ଦ୍ଧା



୮


**ଜୟେଶ ତ୍ରିପାଠୀ**
କ୍ଲାସ- ୨, ଓଡିଏମ୍ ଇଣ୍ଟର ନ୍ୟାଶନାଲ ସ୍କୁଲ, ଅନୁଗୋଳ



୧



୨



୩





୪



୫



୬





୭



୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ଗୋଟିଏ ଦିନରେ ଜନ୍ମଦିନ

ପରିବାରରେ ପ୍ରାୟ ସମସ୍ତେ ନିଜର ଜନ୍ମ ତାରିଖ ଅନୁସାରେ ଜନ୍ମଦିନ ପାଳନ କରନ୍ତି। ତେବେ ସମସ୍ତଙ୍କ ଜନ୍ମଦିନ ଗୋଟିଏ ତାରିଖରେ ପଡୁଥିବା କଥା କେବେ ଶୁଣିଛନ୍ତି! ଏମିତି ଏକ ପରିବାର ଅଛନ୍ତି ପାକିସ୍ତାନରେ। ପରିବାରରେ ୯ ଜଣ ସଦସ୍ୟ ଅଛନ୍ତି ହେଲେ ସମସ୍ତଙ୍କର ଜନ୍ମଦିନ ଅଗଷ୍ଟ ୧ ତାରିଖରେ, ଅର୍ଥାତ୍ ଗୋଟିଏ ଦିନରେ। ଏମିତି ଏକ ଅଜବ ସଂଯୋଗ ପାଇଁ ଗିନିଜ୍ ରେକର୍ଡରେ ନାଁ ରହିଛି ଅମିର ଅଲ୍ଲୀ ଓ ତାଙ୍କ ପରିବାରର ନାମ। ଅମିରଙ୍କ ସହିତ ତାଙ୍କ ପତ୍ନୀ ଖୁଦେଜା ଅଲ୍ଲୀ ଓ ତାଙ୍କର ୭ଜଣ ସନ୍ତାନଙ୍କର ଜନ୍ମଦିନ ଗୋଟିଏ ତାରିଖରେ। ପ୍ରଥମେ ତାଙ୍କ ବଡ ଝିଅ ଯେତେବେଳେ ଅଗଷ୍ଟ ୧ ତାରିଖରେ ଜନ୍ମ ହୋଇଥିଲା ସେ ବେଶ୍ ଖୁସି ହୋଇ ଯାଇଥିଲେ। ହେଲେ ଆଶ୍ଚର୍ଯ୍ୟଜନକଭାବେ ତାପରେ ସମସ୍ତଙ୍କର ଜନ୍ମ ସେହି ତାରିଖରେ ହୋଇଥିଲା। ତେବେ ଏହା ଈଶ୍ୱରଙ୍କ ଇଛା ବୋଲି ଉଭୟ ଦମ୍ପତି ଭାବି ନେଇଛନ୍ତି। ଅମିରଙ୍କ ପୂର୍ବରୁ ଏଭଳି ବିରଳ ରେକର୍ଡ ଥିଲା ଆମେରିକାର କମିଂସ ପରିବାର ନାମରେ। ଏହି ପରିବାରରେ ୫ ଜଣଙ୍କ ଜନ୍ମଦିନ ଗୋଟିଏ ତାରିଖରେ ପଡୁଥିଲା।



## କବିତା

### ଆମରି ଗାଁରେ ଟାଣିବୁ ରଥ

ଜେଜେ ମନାକଲେ ଶ୍ରୀକ୍ଷେତ୍ର ଯିବେନି
ଗହଳି ଚହଳି ବହୁତ ଭିଡ଼
କରୋନା ରୋଗଟା ମୁଣ୍ଡ ଟେକିଲାଣି
ସ୍ୱାସ୍ଥ୍ୟର ସୁରକ୍ଷା କଥାଟା ବଡ଼।
ଆମରି ଗାଁରେ କୁନି ରଥ ହେବ
କୁନି ପିଲାଙ୍କର ଆଗ୍ରହ ପରା
ଲକ୍ଷ ଲକ୍ଷ ଲୋକ ନ ଥିବେ ଦାଣ୍ଡରେ
ପାଳନ ହୋଇବ ରଥ ଯାତରା।
ଗୋଟିଏ ରଥରେ ବସାଇ ଠାକୁର
ଟିକି ଦଉଡିକୁ ନେବୁ ଯେ ଭିଡି
ଘଣ୍ଟ ବାଜୁଥିବ ପିଲାଙ୍କ ହାତରେ
ରଥ ଚାଲୁଥିବ ଘିଇଡି ଘିଡି।
ପୂଜା ରୀତିନୀତି କରିବେ ପୂଜକ
ଯେଉଁଦିନ ଯାହା ହେବ ପାଳିତ
ଖୁସି ଆନନ୍ଦରେ ସଦଭାବନା ରଖି
ଆମରି ଗାଆଁରେ ଟାଣିବୁ ରଥ।

**– ରଘୁନନ୍ଦନ ମହାପାତ୍ର**
ହରଚଣ୍ଡୀ ସାହି, ଭୁବନେଶ୍ୱର
ମୋ: ୯୪୩୯୭୧୯୮୭୯

### ଦେଖିଛି ଯିଏ ଜାଣିଛି ସିଏ

ଫୁଲ ଟାହିଆ ରାଘବ ଦାସ
ମଠ ତିଆରି
ମଥାରେ ଭିଡି କଳାକଉଡ଼ି
ଆସେ ବାହାରି
ପହଣ୍ଡି ଶୋଭା
ଦେଖିଛି ଯିଏ ଜାଣିଛି ସିଏ
କି ମନଲୋଭା।
ଝୁଲିଝୁଲିକି ବଡ଼ଦାଣ୍ଡକୁ
କଳା ସାଆନ୍ତ
ଆସିବା ବେଳେ ବୁଲିବୁଲିକି
ଦେଖେ ଭକତ
ରଙ୍ଗାଅଧର
ଦେଖିଛି ଯିଏ ଜାଣିଛି ସିଏ
କେଡ଼େ ସୁନ୍ଦର।
ନନ୍ଦିଘୋଷର କୋଳରେ ବସି
ଶ୍ରୀକ୍ଷେତ୍ରମଣି
ଯାତରା କରି ଯିବେ ସାଙ୍ଗରେ
ଭାଇ ଭଉଣୀ
ଗୁଣ୍ଡିଚାଘର
ଦେଖିଛି ଯିଏ ଜାଣିଛି ସିଏ
ଲୀଳା ଜଗାର।

**– ଜଗଦୀଶ ସାହୁ**
ସଂଜପଡା, ହିନ୍ଦୋଳ,
ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

### ଦେଖି ପ୍ରଭୁ ପଦ୍ମମୁଖ

ରଥଯାତରାରେ ପ୍ରଭୁ ଜଗନ୍ନାଥ
ଭାଇ ଭଉଣୀଙ୍କୁ ଧରି,
ଗୁଣ୍ଡିଚା ମନ୍ଦିରେ ହୁଅନ୍ତି ହାଜର
ମାଉସୀ ସ୍ନେହକୁ ଝୁରି।
ପତିତ ଜନଙ୍କୁ ତାରିବା ନିମନ୍ତେ
ମାଧ୍ୟମ ଯେ ଏଇ ଯାତ,
ଏହି ଜାତ କାଳେ ଶ୍ରୀବଡ଼ଦେଉଳେ
ଏକା ଥାନ୍ତି ଲକ୍ଷ୍ମୀ ମାତ।
ମହାପ୍ରସାଦ ଯେ ହୁଏନାହିଁ ରନ୍ଧା
ନ ଥାନ୍ତି ସେଠାରେ କେହି,
ଶ୍ରୀମନ୍ଦିରର ଶିରୀ ତୁଟିଯାଇ
ଥାଏ ନଅଦିନ ପାଇଁ।
ଜନମ ବେଦିରେ ଚମତ୍କାର ଲୀଳା
କରନ୍ତି ଜଗତସାଇଁ,
ପତ୍ନୀ ପ୍ରୀତି ତେଜି ହୁଅନ୍ତି ବାଉଳା
ମାଉସୀ ହାତରୁ ଖାଇ।
ଲକ୍ଷ ଲକ୍ଷ ଭକ୍ତ ହୋଇ ସମ୍ମିଳିତ
ଲଭନ୍ତି ସରଗ ସୁଖ,
ଚର୍ମ ଚକ୍ଷୁ ଯେ ହୁଅଇ ପବିତ୍ର
ଦେଖି ପ୍ରଭୁ ପଦ୍ମମୁଖ।

**– ଜୟନ୍ତ କୁମାର ମଲ୍ଲିକ୍**
ଶୂରଡ଼ିହ, ନନ୍ଦିପୁର, ଯାଜପୁର
ମୋ: ୯୪୩୮୬୫୭୨୭

## ଏଥରର

- ଆମେରିକାର ଦ୍ୱିତୀୟ ବୃହତ୍ତମ ସହରର ନାମ ?
- ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ନାମ ?
- ରାଜ୍ୟ ସଭାର ସଦସ୍ୟ ସଂଖ୍ୟା କେତେ ?
- ଆମ ଦେଶର କେଉଁ ସହରକୁ ସିଲିକନ୍ ଭ୍ୟାଲି ଅଫ୍ ଇଣ୍ଡିଆ କହନ୍ତି ?
- କେଉଁ ନଦୀକୁ ଦକ୍ଷିଣ ଭାରତର ଗଙ୍ଗା କୁହାଯାଏ ?

## ଗତଥରର ଉତ୍ତର

- ଆରବ ସାଗର ଓ ବଙ୍ଗୋପ ସାଗର
- ପ୍ରଶାନ୍ତ ମହାସାଗର
- ଏସିଆ
- ସିଂହ
- ବାଘ

## କହିଲ ଦେଖି



ଆଷାଢ଼ ଶୁକଳ ଦ୍ୱିତୀୟା ତିଥିରେ
ହସିଉଠେ ବଡ଼ଦାଣ୍ଡ
ଚକାଆଖିଙ୍କର ଯାତ ଦେଖିବାକୁ
ଭକତ ହୁଅନ୍ତି ରୁଣ୍ଡ
ଭାଇ ଭଉଣୀ ସହିତ
ମାଉସୀ ଘରକୁ ଯାଆନ୍ତି ସାଆନ୍ତ
କୁହ ସିଏ କେଉଁ ଯାତ।

ଉତ୍ତର– **ରଥଯାତ୍ରା**



ରତ୍ନବେଦି ଛାଡି ଜନମ ବେଦିକୁ
ଯାଆନ୍ତି କଳା ଠାକୁର
ପାହୁଣ୍ଡ ପକାଇ ଝୁଲି ଝୁଲି ପ୍ରଭୁ
ଛାଡ଼ନ୍ତି ଶୀରି ମନ୍ଦିର
ମସ୍ତକେ ଟାହିଆ ନାଇ
ପ୍ରଭୁଙ୍କର ଏହି ଅପୂର୍ବ ଚାଲିକୁ
ପାରିବକି କିଏ କହି।

ଉତ୍ତର– **ପହଣ୍ଡି ବିଜେ**



ରଥ ଯାତରାରେ ତିନିଟି ରଥ
ଆଗ ପଛ ହୋଇ ଯାଆନ୍ତି ମିତ
ଶେଷ ରଥେ ଥାଏ କଳା ସାଆନ୍ତ
ମଣ୍ଡିଣି ତାହାର ପୀତ ଲୋହିତ
କେଉଁ ରଥ ସିଏ କହିବ ଯିଏ
ପୁରୀ ରଥଯାତ୍ରା ଦେଖିବ ସିଏ।

ଉତ୍ତର– **ନନ୍ଦିଘୋଷ**



ଘୋଷ ଯାତରାରେ ଜଗତ ସାଇଁ
ଭାଇ ଭଉଣୀକୁ ସାଥିରେ ନେଇ
ଯାଆନ୍ତି ମାଉସୀ ଘର
କେଉଁ ମଣ୍ଡପରେ ନଅ ଦିନ ରହି
ଫେରନ୍ତି ଶୀରି ମନ୍ଦିର।

ଉତ୍ତର– **ଆଡ଼ପ ମଣ୍ଡପ**

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତ୍‌ସିଂହପୁର
ମୋ: ୭୩୫୫୬୩୪୩୪୬

# ରତ୍ନସିଂହାସନର ଦେବାଦେବୀ





ଆମେ ସାଧାରଣ ଲୋକଙ୍କ ଦୃଷ୍ଟି ପଡିଥାଏ ରତ୍ନ ସିଂହାସନରେ। ଆମେମାନେ ସାଧାରଣତଃ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦେଖିଥାଉ। ମାତ୍ର ଆମେ ଜାଣିପାରି ନଥାଉ ଯେ, ପ୍ରକୃତରେ କେତେଜଣ ପୂଜିତ ହୁଅନ୍ତି। ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କୁ ନେଇ ଚତୁର୍ଦ୍ଧାମୂର୍ତ୍ତିଙ୍କର ପୁରାଣରେ, କାବ୍ୟରେ, ଭକ୍ତିସଙ୍ଗୀତରେ ଏପରିକି କିମ୍ବଦନ୍ତୀରେ ମଧ୍ୟ ଗୁଣଗାନ କରାଯାଇଛି। ମାତ୍ର ବାସ୍ତବ କ୍ଷେତ୍ରରେ ରତ୍ନସିଂହାସନରେ ସପ୍ତଧା ବିଗ୍ରହ ବିଜେ କରିଛନ୍ତି ଏବଂ ନିୟମିତ ଭାବରେ ତାଙ୍କର ସେବାପୂଜା ପ୍ରଚଳିତ ଅଛି। ସପ୍ତଧାମୂର୍ତ୍ତି ହେଲେ- ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା, ଚକ୍ରରାଜ ସୁଦର୍ଶନ, ଶ୍ରୀ ଦେବୀ, ଭୁଦେବୀ ଓ ଶ୍ରୀମାଧବ।

ଶ୍ରୀ ମାଧବ ଶ୍ରୀ ଜଗନ୍ନାଥଙ୍କର ଅନ୍ୟରୂପ ଏବଂ ଦାରୁ ନିର୍ମିତ। ଶ୍ରୀଦେବୀ ବା ଲକ୍ଷ୍ମୀପ୍ରତିମା ସ୍ୱର୍ଣ୍ଣମୟୀ ଧାତବମୂର୍ତ୍ତି ଭୂଦେବୀ ଧାତବ ପ୍ରତିମା ହେଲେ ମଧ୍ୟ ତାହା ରୌପ୍ୟ ନିର୍ମିତ। ଶ୍ରୀମାଧବ ଶ୍ରୀଜଗନ୍ନାଥ ପୃଷ୍ଠ ଦେଶର ବାମ ପାର୍ଶ୍ୱରେ ବିଦ୍ୟମାନ। ଶ୍ରୀଦେବୀ ତାଙ୍କ ସମ୍ମୁଖସ୍ଥ ବାମପାର୍ଶ୍ୱ ଏବଂ ଭୂଦେବୀ ସମ୍ମୁଖସ୍ଥ ଦକ୍ଷିଣ ପାର୍ଶ୍ୱ ମଣ୍ଡନ କରି ଶୋଭାଯାଉଛନ୍ତି। ମାତ୍ର ଭକ୍ତଟିଏ କୌଣସି ପ୍ରକାରେ ଦର୍ଶନ କରିବାର ପ୍ରୟାସ କଲାବେଳେ ଏହି ତିନିମୂର୍ତ୍ତି ଆଖିରେ ପଡ଼ିଲେ ମଧ୍ୟ ବୁଝିବାକୁ ସମୟ ପାଏ ନାହିଁ। ବଡ଼ ବଡ଼ ଚକା ଆଖିରେ ଲାଖିଯାଏ, ସମୟ ସରିଯାଏ ବାହାରକୁ ବାହାରି ଯାଏ, କେବଳ ତ୍ରିମୂର୍ତ୍ତି ଦେଖି ସନ୍ତୁଷ୍ଟ ହୋଇଯାଏ।

ବିଭିନ୍ନ ସମୟରେ ବାହ୍ୟଶତ୍ରୁଙ୍କ ଆକ୍ରମଣଜନିତ ଭୟରେ ଜଗନ୍ନାଥଙ୍କୁ ମନ୍ଦିରରୁ ନେଇ ଅନ୍ୟତ୍ର ଲୁଚାଇ ରଖାଯାଇଥିବାବେଳେ ଚଳନ୍ତି ପ୍ରତିମା ରୂପେ ଧାତବ ମୂର୍ତ୍ତିମାନଙ୍କୁ ମଧ୍ୟ କିଛି କାଳ ଅନ୍ୟତ୍ର ଲୁଚାଇ ପରେ ରତ୍ନସିଂହାସନରେ ପୂଜା ଆରାଧନା କରାଯାଉଥିଲା। ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ରତ୍ନସିଂହାସନର ପୁନରୁଦ୍ଧାର ଆବଶ୍ୟକ ପଡିଥିବାରୁ ରାଜା ଦିବ୍ୟସିଂହ ଦେବ ସେ କାର୍ଯ୍ୟ ହାତକୁ ନେଇ ସପ୍ତଧା ବିଗ୍ରହଙ୍କୁ ପୁନଃ ପ୍ରତିଷ୍ଠା କରିଥିଲେ।

> "ସପ୍ତଧା ବିଗ୍ରହ ବ୍ୟବସ୍ଥା ମୂଳରେ ଏକ ଶାସ୍ତ୍ରୀୟ ଚିରନ୍ତନର ସ୍ୱୀକୃତି ରହିଥିବା ଜଣାଯାଏ। ଏଥିରେ ମିଳିତ ଭାବରେ ସପ୍ତଧା ବିଗ୍ରହଙ୍କୁ ପୂର୍ଣ୍ଣବ୍ରହ୍ମର ପ୍ରତୀକ ପ୍ରକାଶ ବୋଲି ଧରାଯାଏ। ସର୍ବଦେବ ସାର ପ୍ରଣବକୁ ପୂର୍ଣ୍ଣବ୍ରହ୍ମର ସ୍ୱରୂପ ଭାବେ ଗ୍ରହଣ କରାଯାଏ।"

ସପ୍ତଧା ବିଗ୍ରହ ବ୍ୟବସ୍ଥା ମୂଳରେ ଏକ ଶାସ୍ତ୍ରୀୟ ଚିରନ୍ତନର ସ୍ୱୀକୃତି ରହିଥିବା ଜଣାଯାଏ। ଏଥିରେ ମିଳିତ ଭାବରେ ସପ୍ତଧା ବିଗ୍ରହଙ୍କୁ ପୂର୍ଣ୍ଣବ୍ରହ୍ମର ପ୍ରତୀକ ପ୍ରକାଶ ବୋଲି ଧରାଯାଏ। ସର୍ବଦେବ ସାର ପ୍ରଣବକୁ ପୂର୍ଣ୍ଣବ୍ରହ୍ମର ସ୍ୱରୂପ ଭାବେ ଗ୍ରହଣ କରାଯାଏ। ପ୍ରଣବ ହେଲା, ଓଁକାର- ଅ, ଭ, ମ, ବଳଭଦ୍ରଙ୍କୁ 'ଅ', ସୁଭଦ୍ରାଙ୍କୁ 'ଭ', ଜଗନ୍ନାଥଙ୍କୁ 'ମ' ଭାବରେ ଗ୍ରହଣ କରାଯାଏ। ସୁଦର୍ଶନ ପ୍ରଣବାତ୍ମକ ତେଜ ହେଲାବେଳେ ମାଧମ ପ୍ରଣବର ମଧ୍ୟ ବିନ୍ଦୁ, ଶ୍ରୀଦେବୀ ଓ ଭୂଦେବୀ ମହାଦାନ ସ୍ୱରୂପିଣୀ (ଅର୍ଥବ ବେଦ) ପୁରୁଷୋତ୍ତମତାବିନୀର ଉର ତାପିନୀରେ।

**-ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ,** ଏଲ-୨୬୨,
ବରମୁଣ୍ଡା ହାଉସିଂବୋର୍ଡ କଲୋନୀ
ଭୁବନେଶ୍ୱର, ମୋ: ୯୪୩୭୨୭୯୧୬୨


# ଉପକାରୀ ଗଧ କ୍ଷୀର

କ୍ଷୀର ଆମ ଶରୀର ପାଇଁ ବେଶ୍ ଉପକାରୀ। ବିଶେଷଭାବରେ ଗାଈ କ୍ଷୀର ବ୍ୟବହାର ବହୁଳ ଭାବରେ କରାଯାଇଆସୁଅଛି। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ୍ ବ୍ୟତୀତ ଅନେକ ପ୍ରକାର ସ୍ୱାସ୍ଥ୍ୟପୋକାରୀ ଗୁଣ ଭରି ରହିଛି। ଏହାବ୍ୟତୀତ ଆଉ ଏକ ପ୍ରାଣୀର କ୍ଷୀରର ମଧ୍ୟ ଚାହିଦା ରହିଛି। ବିଶେଷଭାବରେ ଏଥିରୁ ପ୍ରସ୍ତୁତ ପନୀର କିଣିବାକୁ କେତେକ ରାଜ୍ୟର ଲୋକ ଅଧିକ ଆଗ୍ରହ ପ୍ରକାଶ କରିଥାଆନ୍ତି। ତେବେ ପିଲାଏ, ତୁମମାନଙ୍କ ମନରେ ନିଶ୍ଚୟ ପ୍ରଶ୍ନ ଉଠିବଣି ଯେ, ଏହି ଜୀବଟି କିଏ ? ସେହି ଜୀବଟି ହେଉଛି ଗଧ। ଗଧକୁ ସାଧାରଣତଃ ମାଲ୍ ପରିବହନରେ ବ୍ୟବହାର କରଯାଇଥାଏ। ହେଲେ ତାହାର କ୍ଷୀର ବେଶ୍ ମୂଲ୍ୟବାନ୍। ଏକ ଲିଟର ଗଧ କ୍ଷୀରର ଦାମ୍ କେତେ ଜାଣିଛ ? ପାଖାପାଖି ୫୦୦୦ ଟଙ୍କା। ବିଶେଷଭାବରେ ଗୁଜୁରାଟ ଏବଂ ତାମିଲନାଡୁରେ ଏହି କ୍ଷୀର ଚାହିଦା ଅଧିକ ରହିଛି। କେବଳ ସେତିକି ନୁହେଁ, ସେଥିରୁ ପ୍ରସ୍ତୁତ ପନୀର ମଧ୍ୟ ଅଧିକ ବିକ୍ରି ହୋଇଥାଏ। ଗଧ କ୍ଷୀର ପେଟଜନିତ ସମସ୍ୟାକୁ ମଧ୍ୟ ଦୂର କରିଥାଏ। ଅନ୍ୟପକ୍ଷରେ ଏହାକୁ କେତେକ ପ୍ରସାଧନ ସାମ୍ରଗୀ ପ୍ରସ୍ତୁତ କରିବା ଲାଗି ବ୍ୟବହାର କରାଯାଏ। ଗଧ କ୍ଷୀରରେ ପ୍ରୋଟିନ୍, ଓମେଗା-୩ ଫ୍ୟାଟି ଏସିଡ, କ୍ୟାଲସିୟମ ଏବଂ ଲାଇସୋଜାଇମ ଭରି ରହିଛି। ଗଧ କ୍ଷୀର ବା ଡଙ୍କି ମିଲ୍‌କକୁ ମଧ୍ୟ ଲିକୁଇଡ୍ ଗୋଲ୍ଡ କୁହାଯାଇଥାଏ। ଗୋଟିଏ ଗଧ ଦିନକୁ ମାତ୍ର ୨୦୦-୩୦୦ ମିଲିଲିଟର କ୍ଷୀର ଦେଇଥାଏ।





# ସବୁଠାରୁ ଧନୀ ଦେଶ



ଗୋଟିଏ ଦେଶ ଧନୀ ହେବା ପଛରେ ଏହାର ଅର୍ଥନୈତିକ ସ୍ଥିତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କାରଣ ଯେଉଁ ଦେଶର ଆର୍ଥିକ ସ୍ଥିତି ଯେତେ ମଜଭୁତ ସେ ଦେଶରେ ସେତେ ବିକାଶଶୀଳ। ଏହି ତାଲିକାରେ ଥିବା ପ୍ରମୁଖ ରାଷ୍ଟ୍ରଗୁଡିକ ହେଉଛନ୍ତି-ଆମେରିକା, ଜାପାନ, ଚୀନ୍। ତେବେ ବିଶ୍ୱରେ ଏଭଳି ଏକ ଦେଶ ରହିଛି ଯାହାକୁ ସବୁଠାରୁ ଧନୀ ରାଷ୍ଟ୍ର ଭାବରେ ପରିଗଣିତ କରାଯାଇଥାଏ। ଏହାର ଆକାର ଛୋଟ, ହେଲେ ଉକ୍ତ ଦେଶର ଅଧିବାସୀଙ୍କ ମୁଣ୍ଡ ପିଛା ଆୟ ଅନ୍ୟ ବିକାଶଶୀଳ ଦେଶ ତୁଳନାରେ ଅଧିକ। ତେଣୁ ଏହାକୁ ସବୁଠାରୁ ଧନୀ ରାଷ୍ଟ କୁହାଯାଏ। ୟୁରୋପ ମହାଦେଶରେ ଏହି ଦେଶ ଅବସ୍ଥିତ। ଏହାର ନାମ ହେଉଛି ସୁଇଜରଲ୍ୟାଣ୍ଡ। ପର୍ଯ୍ୟଟକଙ୍କୁ ଆକର୍ଷଣ କରୁଥିବା ଦେଶମାନଙ୍କ ମଧ୍ୟରେ ଏହା ପ୍ରମୁଖ ସ୍ଥାନ ଅଧିକାର କରିଛି। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରପୁର ଏହି ଦେଶ। ସୁଇଜରଲ୍ୟାଣ୍ଡର ପ୍ରତି ୭ ଜଣରେ ଜଣେ ଲୋକ କୋଟିପତି। କେବଳ ସେତିକି ନୁହେଁ, ଏହି ଦେଶର ଲୋକମାନେ ସେମାନଙ୍କ ଆୟର ୨୦-୩୦ ପ୍ରତିଶତ ଯେମିତି ହେଲେ ସଞ୍ଚୟ ପାଇଁ ରଖିଥାଆନ୍ତି। ଏହାବ୍ୟତୀତ ନିଜର ଖର୍ଚ୍ଚକୁ କାଣ୍ଟଛାଣ୍ଟ କରି ବଳକା ଟଙ୍କାକୁ କୌଣସି ନା କୌଣସି କ୍ଷେତ୍ରରେ ବିନିଯୋଗ କରିଥାଆନ୍ତି। ଏଠାକାର ଲୋକମାନେ କେବଳ ଶିକ୍ଷିତ ନୁହଁନ୍ତି କାରିଗରୀ କୌଶଳରେ ସେମାନେ ଅନ୍ୟ ଦେଶ ତୁଳନାରେ ବେଶ୍ ଧୁରନ୍ଧର।

# ଆଇନା





ଅଦଭୀକା ଦାଶ(ଲୁଇ)
୬ ବର୍ଷ/ଭୁବନେଶ୍ୱର

ଆରାଧ୍ୟା ଆଚାର୍ଯ୍ୟ
୭ ବର୍ଷ/ଭୁବନେଶ୍ୱର